ସକାଳ THE SAKALA



## ଚୌଦ୍ୱାର ପୌରାଞ୍ଚଳରେ ସ୍ୱଚ୍ଛ ଭାରତ ମିଶନ ବିଫଳ

# ଜନବସତି ନିକଟରେ କୁଢ଼କୁଢ଼ ଆବର୍ଜନା

ଚୌଦ୍ୱାର, ୨୫।୨(ସମିସ)

ଚୌଦ୍ୱାର ପୌରାଞ୍ଚଳରେ ସ୍ୱଚ୍ଛଭାରତ ଅଭିଯାନ ବିଫଳ ହୋଇଥିବା ଅଭିଯୋଗ ହେଉଛି। ସମ୍ପୂର୍ଣ୍ଣ ପୌରାଞ୍ଚଳକୁ ସଫେଇ କରି ଆବର୍ଜନାଗୁଡ଼ିକୁ ଜନବସତି ନିକଟରେ ପକାଇବା କେତେଦୂର ଯଥାର୍ଥ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ଚୌଦ୍ୱାର ପୌରପାଳିକା ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ବାଟବୁଢ଼ୀ କଲୋନୀରେ ଶହ ଶହ ପରିବାର ବସବାସ କରୁଥିବାବେଳେ ସେଠାରେ ପୌରପାଳିକା ପକ୍ଷରୁ ସମସ୍ତ ଆବର୍ଜନା ଗଦା ହେଉଛି। ଟିକିଏ ପବନ ହେଲେ ଆବର୍ଜନାରୁ ଜରି, କାଗଜ ଉଡ଼ି ଲୋକଙ୍କ ଘର ଭିତରେ ପଶୁଛି। ଏପରିକି ମେଡ଼ିକାଲ ବର୍ଜ୍ୟ ମଧ୍ୟ ସେଠାରେ ପଡୁଛି। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ଜୀବନ ଯାପନ ପ୍ରଭାବିତ ହେଉଛି। ଜନସାଧାରଣ ପୌରପାଳିକାକୁ ନିର୍ଦ୍ଧାରିତ କର ଦେଉଛନ୍ତି। ହେଲେ ସେଠାରେ ସେମାନଙ୍କୁ ପୌରପାଳିକା ପକ୍ଷରୁ ମୌଳିକ ସୁବିଧା ଯୋଗାଇଦେବା ପରିବର୍ତ୍ତେ ସେମାନଙ୍କୁ ନର୍କ ଯନ୍ତ୍ରଣା ଦେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



ଅସରାଏ ବର୍ଷାରେ ଆବର୍ଜନା ଭାସି ସେଠାରେ ଥିବା କୂଅ ନଳକୂଅରେ ମିଶୁଛି। ମଝିରେ ମଝିରେ ପୌର କର୍ମଚାରୀମାନେ ସେଠାରେ ନିଆଁ ଲଗାଇଦେବା ଯୋଗୁଁ ଅଞ୍ଚଳ ଧୂଆଁମୟ ହୋଇପଡ଼ିବା ସହ ଅଞ୍ଚଳବାସୀ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ଏନେଇ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ବାଧ୍ୟ ହୋଇ ପୌର ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଅନ୍ୟପକ୍ଷରେ ଚୌଦ୍ୱାର ପୌରାଞ୍ଚଳରେ ଆବର୍ଜନା ପରିଚାଳନା ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏମସିସି ନିର୍ମାଣ ହୋଇଥିଲେ ମଧ୍ୟ ପଦାରେ ତଥା ଜନବସତି ନିକଟରେ ଏତେ ଆବର୍ଜନା ପଡ଼ିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ଏମସିସିରେ କେତେ ଟନ ଆବର୍ଜନା ପରିଚାଳନା ହେଉଛି ଏବଂ ସହରରୁ ଦୈନିକ କେତେ ଟନ ଆବର୍ଜନା ବାହାରୁଛି ତାହାର ମଧ୍ୟ କୌଣସି ହିସାବ ମିଳୁନାହିଁ। ପୂର୍ବରୁ ମଧ୍ୟ ଲୋକେ ପୌର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସେଠାରେ ଆଉ ଆବର୍ଜନା ନ ପଡ଼ିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ପୁନର୍ବାର ଏଠାରେ ଆବର୍ଜନା ଗଦା କରାଯିବା ଅଞ୍ଚଳବାସୀଙ୍କ ପାଇଁ ଦୁର୍ବିସହ ହୋଇପଡ଼ିଛି। ଜନବସତି ନିକଟରେ ଆବର୍ଜନା ଗଦାଇବା କେତେ ଦୂର ଯଥାର୍ଥ ବୋଲି ବାଟବୁଢ଼ୀ କଲୋନୀ ବାସିନ୍ଦା ପ୍ରଶ୍ନ କରିଛନ୍ତି। ଯଦି ସେଠାରେ ଆବର୍ଜନା ପକାଇବା ତୁରନ୍ତ ବନ୍ଦ କରା ନ ଯାଏ ତେବେ ଅଞ୍ଚଳବାସୀ ଏହାର ତୀବ୍ର ବିରୋଧ କରିବେ ବୋଲି ଚେତାବନୀ

### ନିର୍ବାହୀ ଅଧିକାରୀଙ୍କୁ ଅତିଷ୍ଠ ବାସିନ୍ଦାଙ୍କ ସ୍ମାରକପତ୍ର

ଦେଇଛନ୍ତି। ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରକୁ ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ପୌର ପରିମଳ ବିଭାଗ କନିଷ୍ଠ ଅଧିକାରୀ ପୀୟୂଷ ରଞ୍ଜନ ସାହୁ ଗ୍ରହଣ କରିଥିଲେ। ଏହାର ଏକକିତା ନକଲ କଟକ ଜିଲ୍ଲାପାଳଙ୍କ ସମେତ ଗୃହ ଓ ନଗର ଉନ୍ନୟନ ସଚିବ, କଟକ ସାଂସଦଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଏସଂକ୍ରାନ୍ତରେ ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର କହିଥିଲେ ଯେ ସମସ୍ତ କାଉନସିଲରଙ୍କୁ ଖାଲି ସ୍ଥାନ ଚିହ୍ନଟ କରିବା ପାଇଁ ପରାମର୍ଶ ଦିଆଯାଉଛି। ସେମାନଙ୍କ ପରାମର୍ଶ ଅନୁସାରେ ଡମ୍ପିୟାର୍ଡ ହେବ।

## ଆୟୁର୍ବେଦ ଚିକିତ୍ସାଳୟରେ ଯୋଗ ଶିବିର

ଆଠଗଡ଼, ୨୫।୨(ସମିସ): ଆଠଗଡ଼ ବ୍ଲକ କଟକିଆସାହି ପଞ୍ଚାୟତ ଅନ୍ତର୍ଗତ ପାଟେଣିଗାଁ ସରକାରୀ ଆୟୁର୍ବେଦ ଚିକିତ୍ସାଳୟରେ ଏକ ଯୋଗଶିକ୍ଷା ଶିବିର ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଶିବିରାର୍ଥୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଯୋଗ ଶିକ୍ଷକ ଜୟକୃଷ୍ଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆୟୁର୍ବେଦିକ ଚିକିତ୍ସକ ଡାକ୍ତର ଗୋକୁଳାନନ୍ଦ ପତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର



ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଯୋଗ ପ୍ରତିଯୋଗିତାରେ ଅବିନାଶ ପାଣି ପ୍ରଥମ, ସନ୍ଧ୍ୟାରାଣୀ ମହାନ୍ତି ଦ୍ୱିତୀୟ ଏବଂ ଶୁଭାଂଶୁ ଭୂଷଣ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ନଳିନୀ ପଣ୍ଡା, ଡାକ୍ତର ପ୍ରଦୀପ୍ତ ପାଣି ଓ ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କୃଷ୍ଣଚନ୍ଦ୍ର ବେହେରା, ଶଶିଭୂଷଣ ପ୍ରଧାନ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି।

## ରାଜ୍ୟ ବିଜେଡି ମହିଳା ଉପସଭାପତିଙ୍କୁ ସମ୍ବର୍ଦ୍ଧନା

କଟକ, ୨୫।୨(ସମିସ): କଟକ ମହାନଗର ନିଗମ ୫୮ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ରାଜକୁମାରୀ ସ୍ୱାଇଁଙ୍କୁ ବିଜେଡି ସୁପ୍ରିମୋ ରାଜ୍ୟ ବିଜେଡି ମହିଳା ଉପସଭାପତି ଭାବେ ମନୋନୀତ କରିଛନ୍ତି। ପୂର୍ବରୁ ସେ ରାଜ୍ୟ ବିଜେଡି ମହିଳା ସମ୍ପାଦିକା ଭାବେ ମଧ୍ୟ କାର୍ଯ୍ୟ କରି ଆସିଛନ୍ତି। ସୁପ୍ରିମୋ



ନବୀନ ପଟ୍ଟନାୟକ ଓ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରଙ୍କୁ ଏହି ନିଯୁକ୍ତି ପାଇଁ ସାଧୁବାଦ ଜଣାଇଛନ୍ତି। ଏହି ଅବସରରେ ଶ୍ରୀମତୀ ସ୍ୱାଇଁଙ୍କୁ କଟକ ସଦର ଅଞ୍ଚଳର ଅନେକ ମହିଳା, ପୁରୁଷ ଓ ଯୁବକମାନେ ତାଙ୍କ ଡାହାଳିଆବାଗସ୍ଥିତ ବାସଭବନରେ ପହଞ୍ଚି ସମ୍ବର୍ଦ୍ଧିତ କରିଥିଲେ। ଲକ୍ଷ୍ମୀପ୍ରିୟା ପରିଡ଼ା, ପ୍ରୀତିଲତା ପରିଡ଼ା, ବନପ୍ରିୟା ସେନାପତି, ମଧୁସ୍ମିତା ପରିଡ଼ା, ପଞ୍ଝେଇ ପରିଡ, ଝରଣା ପରିଡ଼ା, ସ୍ୱର୍ଣ୍ଣଲତା ପରିଡ଼ା, ରିଙ୍କି ପରିଡ଼ା, ସବିତା ପାତ୍ର, ଯୋଗେନ୍ଦ୍ର ପ୍ରଧାନ, ଗଣେଶ ନାୟକ, ଲକ୍ଷ୍ମୀଧର ବେଉରା, ସଞ୍ଜୟ ଖୁଣ୍ଟିଆ, ଦାମୋଦର ଭଟ୍ଟ, ମହମ୍ମଦ ୟୁସୁଫ, ପପୁ ରାଉତ, ଆଦିତ୍ୟ ଦାସ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଯୋଗେନ୍ଦ୍ର ମହାରଣାଙ୍କ ସମେତ ସଦର ଅଞ୍ଚଳର ଅନେକ କର୍ମୀ ଯୋଗଦେଇଥିଲେ।

## ମନ୍ଦିର ନିର୍ମାଣ ଶିଳ୍ପୀଙ୍କ ପରଲୋକ



ନିଶ୍ଚିନ୍ତକୋଇଲି, ୨୫।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମର ନାମକରା ରାଜମିସ୍ତ୍ରି ତଥା ମନ୍ଦିର ନିର୍ମାଣ ଶିଳ୍ପୀ ଭାଗବତ ପ୍ରଧାନ (୮୫)ଙ୍କ ନିଜ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାରର ସଦସ୍ୟ ଉପସ୍ଥିତ ଥିଲେ। ସ୍ୱର୍ଗତ ପ୍ରଧାନ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେବାଦେବୀଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ କରିଥିବା ବେଳେ ବହୁ କୋଠାଘର ନିର୍ମାଣ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ, ସମିତିସଭ୍ୟା ନର୍ମଦା ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରି ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ପ୍ରଭାତ ପ୍ରଧାନ ମୁଖାଗ୍ନି ଦେଇଥିଲେ।

## ନ୍ୟାୟ ପାଇଁ ଗ୍ରାମାଞ୍ଚଳ ଏସ୍‌ପିଙ୍କ ଦ୍ୱାରସ୍ଥ

ନିଶ୍ଚିନ୍ତକୋଇଲି, ୨୫।୨(ସମିସ): ନିଶ୍ଚିନ୍ତକୋଇଲି ଥାନା ନତକାଇ ଗ୍ରାମର ପ୍ରଶାନ୍ତ ବିଶ୍ୱାଳ ନ୍ୟାୟ ପାଇଁ କଟକ ଜିଲ୍ଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିଶ୍ଚିନ୍ତକୋଇଲି ଥାନାଧିକାରୀ ଓ ସାଲେପୁର ଥାନାଧିକାରୀଙ୍କଠାରୁ କୌଣସି ନ୍ୟାୟ ନ ମିଳିବାରୁ ସେ ଏଭଳି ପଦକ୍ଷେପ ନେଇଥିବା ଜଣାଯାଇଛି। ଅଭିଯୋଗରୁ ଜଣାଯାଏ, ନତକାଇ ଗ୍ରାମର ପ୍ରଶାନ୍ତ ବିଶ୍ୱାଳଙ୍କ ବାଡିରୁ କେତେକ ଦୁର୍ବୃତ୍ତ ବେଆଇନ ଭାବେ ୧୦/୧୫ଟି ଜୀବନ୍ତ ଗଛ ହାଣି ଦେଇ ବାଡଗୁଡିକୁ ଓପାଡି ନଷ୍ଟ କରିଦେବା ସହ ଘର ବାରଣ୍ଡାରେ ଲାଗିଥିବା ବିଦ୍ୟୁତ ବଲ୍‌ବଗୁଡିକୁ ଭାଙ୍ଗିଦେଇଛନ୍ତି।। ଗତ ୧୪ ତାରିଖ ଏ ସଂକ୍ରାନ୍ତରେ ନିଶ୍ଚିନ୍ତକୋଇଲି ଥାନାରେ ଶ୍ରୀ ବିଶ୍ୱାଳ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପରେ ସମ୍ପୃକ୍ତ ଦୁର୍ବୃତ୍ତମାନେ ମଧ୍ୟ ବିଶ୍ୱାଳ ପରିବାରଙ୍କୁ ହଇରାଣ ହରକତ କରିଥିଲେ। ଜୀବନପ୍ରତି ବିପଦ ଥିବାରୁ ସେ ସାଲେପୁର ଉପଖଣ୍ଡ ପୁଲିସ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। କିଛି ନ୍ୟାୟ ନ ପାଇବାରୁ ଗତ ୨୪ ତାରିଖରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଅନୀତା ସାହୁ କହିଛନ୍ତି, ସେ ତଦନ୍ତ ଜାରି ରଖିଛନ୍ତି। ଖୁବ୍ ଶୀଘ୍ର ଦୁର୍ବୃତ୍ତଙ୍କୁ ଚିହ୍ନଟ କରାଯିବ।

## ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ସମ୍ବର୍ଦ୍ଧିତ

ବଳଦରପୁର, ୨୫।୨(ସମିସ): ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟକୁ ରକ୍ତଦାନ ମହାସେବା, ସମାଜସେବା, ପରିବେଶ ସୁରକ୍ଷା, ଆଶ୍ରମସେବା, ଖାଦ୍ୟ ବଣ୍ଟନ, ଚିକିତ୍ସାଳୟରେ



ସଫେଇ କାର୍ଯ୍ୟ, ପୂଜ୍ୟପୂଜା, ଶିଶୁ କର୍କଟ ରୋଗୀଙ୍କ ସେବାକାର୍ଯ୍ୟ ଆଦି ବହୁବିଧ ଜନହିତକର କାର୍ଯ୍ୟନେଇ ସମ୍ବାଦ ଓ ସଂସ୍କାରମୂଳକ ଓଡ଼ିଶାର ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ପକ୍ଷରୁ ରୌପ୍ୟ ଜୟନ୍ତୀ ଅବସରରେ ଦିବ୍ୟାଲୋକ ସନ୍ଧାନେ ସାମାଜିକ ସେବାରତ୍ନ ସମ୍ମାନ-୨୦୨୬ ମର୍ଯ୍ୟାଦାଜନକ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷ ମହାନ୍ ରକ୍ତଦାତା ଇଂ ବିମଳଚନ୍ଦ୍ର ଦାସ, ସମ୍ପାଦକ ସମାଜସେବୀ ପ୍ରିନ୍ସ ନନ୍ଦ ଓ ରାଜ୍ୟ ସଂଯୋଜକ ଦକ୍ଷ ସଂଗଠକ ଇଂ ସେବକ ଶ୍ରୀକାନ୍ତ ପ୍ରମୁଖ ଥିଲେ। ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ଶରତ ରଥ, ପତ୍ରିକାର ସମ୍ପାଦକ ଶ୍ରୀସନ୍ନ୍ୟାସୀଜୀ, ସ୍ୱାମୀ ଅଦ୍ୱୈତା ନନ୍ଦ, ତ୍ରିଦଣ୍ଡି ସ୍ୱାମୀ ଭକ୍ତି ଗୌରବଶ୍ରୀ ସଚ୍ଚିଦାନନ୍ଦ ଦାସ ମହାରାଜ, ସାହିତ୍ୟିକ ରଞ୍ଜନ ଦାସ, ଡ. ଶରତ ବିଶ୍ୱାଳ, ଡା. ଶଙ୍କର ରାମଚନ୍ଦାନୀ, ଇଂ ବିପ୍ଳବ ଦାସ, ଇଂ ରାମଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।

## କଡେ଼ଇ ପ୍ରକଳ୍ପ ବିଦ୍ୟାଳୟ ବାର୍ଷିକ ଉତ୍ସବ

କଟକ, ୨୫।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଉଚ୍ଚପଦା ପଞ୍ଚାୟତର ପୁରାତନ ଶିକ୍ଷାନୁଷ୍ଠାନ କଡେଇ ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ 'କସ୍ତୁରୀ ଚରଣ ଦାଶ ସ୍ମୃତି କମିଟି'



ଆନୁକୂଲ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥ, ସ୍ୱର୍ଗତ କସ୍ତୁରୀ ଚରଣ, ମା' ଇଚ୍ଛାବତୀଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ କସ୍ତୁରୀ ଚରଣଙ୍କ ନାତି ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀନାକ୍ଷୀ ଦାସ, ସମ୍ମାନିତ ଅତିଥି ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ମୁଖ୍ୟବକ୍ତା ମଣ୍ଡଳ ଶିକ୍ଷାଧିକାରୀ ପ୍ରଭାତ ନାୟକ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଡ୍ରିମ୍‌ସର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ସିଆରସିସି ଦୟାନିଧି ନାୟକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟଦେବ ସ୍ୱାଇଁ ଯୋଗଦେଇଥିଲେ। 'କସ୍ତୁରୀ ଚରଣ ଦାସ ସ୍ମୃତି କମିଟି' ସଭାପତି ବିଜୟ ବରାଳ ଉତ୍ସବରେ ପୌରୋହିତ୍ୟ କରିଥିଲେ। ପ୍ରଧାନ ଶିକ୍ଷକ ହରିହର ବେହେରା ବିବରଣୀ ପାଠ କରିଥିଲେ। ମନୋରମା ମହାନ୍ତି, ଗୀତାଞ୍ଜଳି ଲେଙ୍କା, ନିଲମ ଲେଙ୍କା ଓ କ୍ଷେତ୍ରବାସୀ ମଲ୍ଲିକ ପ୍ରମୁଖ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପାରଦର୍ଶୀ ପ୍ରତିଭାଙ୍କୁ ପୁରସ୍କୃତ କରାଯିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ; ଦୁଇ ଅଟକ

ତ୍ରିଶୂଳିଆ, ୨୫।୨(ସମିସ): ବାରଙ୍ଗ ଥାନା ନରଣପୁର ନିକଟରେ ବୁଧବାର ସନ୍ଧ୍ୟାରେ ଏକ ବର୍ବରକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନୟାଗଡ଼ ସିଧାମୂଳା ଅଞ୍ଚଳର ମନୋରଞ୍ଜନ ଦାସ (୩୦)ଙ୍କୁ ଦୁଇଜଣ ଯୁବକ ପଇଡ଼ କଟା କଟୁରିରେ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ମନୋରଞ୍ଜନଙ୍କ ଛାତିରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ନୟାଗଡ଼ରୁ ଏକ ବରଯାତ୍ରୀ ଦଳ କଟକ ଶିଖରପୁର ଆସିଥିବା ବେଳେ ମନୋରଞ୍ଜନ ଓ ଆକ୍ରମଣକାରୀ ଦୁଇ ଭାଇ ସେଥିରେ ସାମିଲ ଥିଲେ। ମନୋରଞ୍ଜନ ନିଜ ମାମୁଘର ନରଣପୁରକୁ ଯାଉଥିବା ବେଳେ କୁଳ ଓ ନୀଳ ନାମକ ଦୁଇ ଭାଇ ବାଇକରେ ତାଙ୍କୁ ପିଛା କରିଥିଲେ ଏବଂ ଗ୍ରାମ ନିକଟରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ସାହସିକତାର ସହ ଦୁଇ ଭାଇଙ୍କୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ବାରଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଅଟକ ରଖିବା ସହ ଗୋଟିଏ ବାଇକ୍, ଗୋଟିଏ ସ୍କୁଟର ଓ ଆକ୍ରମଣରେ ବ୍ୟବହୃତ କଟୁରୀ ଜବତ କରି ତଦନ୍ତ ଜାରି ରଖିଛି।

## ଅଷ୍ଟଶମ୍ଭୁ ମହୋତ୍ସବ ପ୍ରସ୍ତୁତି ବୈଠକ

ନରସିଂହପୁର, ୨୫।୨(ସମିସ): ନରସିଂହପୁର ଅଞ୍ଚଳରେ ବହୁ ପୁରାତନ ଅଷ୍ଟଶମ୍ଭୁ ମେଳଣ ଉତ୍ସବର ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ପରିସରରେ ବୁଧବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରା, ସମ୍ମାନିତ ଅତିଥିଭାବେ ବିଡିଓ ପ୍ରଜ୍ଞାନନ୍ଦ ଶତପଥୀ ଯୋଗଦେଇଥିବା ବେଳେ ବୈଠକରେ ତହସିଲଦାର ସୁଶ୍ରୀ ଅମ୍ରିତା ସାହୁ ପୌରୋହିତ୍ୟ କରିଥିଲେ। ଭଜନ ମଣ୍ଡପ ପରିସରରେ ଅଷ୍ଟଶମ୍ଭୁଙ୍କ ସମେତ ସମସ୍ତ ଶମ୍ଭୁ ଏବଂ ହରଙ୍କ ଦର୍ଶନ ପରେ ଏକ ଶୋଭାଯାତ୍ରାରେ ବାହାରି ରାଜବାଟୀ ପରିସରରେ ପହଞ୍ଚିବେ। ଏହାପରେ ନରସିଂହପୁର ରାଜାଙ୍କ ଉପସ୍ଥିତିରେ ପୂଜା ସହିତ ଚନ୍ଦ୍ରଶେଖରଙ୍କୁ ପୂଜା କରାଯାଇଥାଏ। ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ପୂଜା ପରେ ନରସିଂହପୁର ତହସିଲଦାରଙ୍କ ବାସଭବନରେ ପ୍ରସାଦ ଗ୍ରହଣ ପରେ ନିଜ ନିଜ ସ୍ୱସ୍ଥାନକୁ ପ୍ରସ୍ଥାନ ପାଇଁ ବ୍ୟବସ୍ଥା କରାଯାଇଥାଏ। ଏହି ଉତ୍ସବରେ ଭିଡକୁ ନଜରରେ ରଖାଯାଇ ସ୍ଥାନୀୟ ପୁଲିସ ପ୍ରଶାସନ ଶୃଙ୍ଖଳାର ବ୍ୟବସ୍ଥା ପାଇଁ ସମସ୍ତ ଦାୟିତ୍ୱ ଥାନାଧିକାରୀ ତପନ କୁମାର ପତିଙ୍କୁ ପ୍ରଦାନ କରାଯାଇଥିଲା। କମିଟି ସମ୍ପାଦକ କାଳୀଚରଣ ପଟ୍ଟନାୟକ ଗତବର୍ଷର ଆୟବ୍ୟୟ ଓ ଅନ୍ୟ ସମସ୍ତ ସୂଚନାର ବିବରଣୀ ପ୍ରଦାନ କରିଥିଲେ।

## ସଦାଶିବ ରାମେଶ୍ୱର ମହାରୁଦ୍ରଙ୍କ ଆବିର୍ଭାବ ଉତ୍ସବ

ନେମାଳ, ୨୫।୨(ସମିସ): ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ ସନ୍ନିକଟ ନେମାଳସ୍ଥିତ ଶ୍ରୀ ଚୈତନ୍ୟ ମଠରେ ପ୍ରଭୁଶ୍ରୀ ସଦାଶିବ ରାମେଶ୍ୱର ମହାରୁଦ୍ରଙ୍କ ଆବିର୍ଭାବ ଉତ୍ସବ ଏବଂ ଭବ୍ୟ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ନୀତିକାନ୍ତି ସହ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ବିଶାଳ କଳସ ଯାତ୍ରା ମଧ୍ୟ ଆୟୋଜିତ ହୋଇଥିଲା। ପଣ୍ଡିତ ପୁନାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପୂଜା ଓ ଯଜ୍ଞ କାର୍ଯ୍ୟରେ ପଣ୍ଡିତ ବ୍ରଜକିଶୋର ତ୍ରିପାଠୀ ଏବଂ ରାକେଶ



ଦାସ ସହଯୋଗ କରିଥିଲେ। ବିକାଶ ଦାସ ଓ ଦୀପ୍ତିଜ୍ୟୋତି ଦାସ କର୍ତ୍ତା ଥିବାବେଳେ ହିମାଂଶୁ ଶେଖର ଦାସ, ଦେବେନ୍ଦ୍ର ଦାସ ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଅପରାହ୍ନରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ସହ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି, ଭଜନ କୀର୍ତ୍ତନ ଉତ୍ସବ ଉଦଯାପିତ ହୋଇଥିଲା।

## ଚୌଦ୍ୱାରରେ କାହ୍ନୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି




ଚୌଦ୍ୱାର, ୨୫।୨(ସମିସ): ସୁଖ୍ୟାତ ରାଜନେତା, ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ, ଟାଙ୍ଗୀ-ଚୌଦ୍ୱାରର ପୂର୍ବତନ ବିଧାୟକ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ବିୟୋଗରେ ଚୌଦ୍ୱାରରେ ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ହିନ୍ଦ ସେବକ ସଂଘ ଚୌଦ୍ୱାର କେନ୍ଦ୍ରରେ ସଂଘର ସର୍ବଭାରତୀୟ ସଭାପତି ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଚୌଦ୍ୱାରର ବରିଷ୍ଠ ନାଗରିକ ତଥା କାହ୍ନୁ ବାବୁଙ୍କ ସହଯୋଗୀ କେଶବଚନ୍ଦ୍ର ଦଳାଇ, ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ଚୌଦ୍ୱାର ବିଜେଡି ସଭାପତି ପ୍ରେମଚାନ୍ଦ ନାୟକ, ବିଜେପିର ଜିଲ୍ଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କମ୍ୟୁନିଷ୍ଟ ନେତା ବଳରାମ ନାୟକ, ବରିଷ୍ଠ କଂଗ୍ରେସ ନେତା ଧୀରେନ୍ଦ୍ର ଚୌଧୁରୀ, ମାନସ ପରିଡ଼ା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ତମ୍ଭକାର ଦିବ୍ୟଜ୍ୟୋତି ପାଣିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେପି ନେତା ପ୍ରଶାନ୍ତ ହୋତା, ବିଷ୍ଣୁ ଚରଣ ପରିଡ଼ା, ପ୍ରକାଶ ଚନ୍ଦ୍ର ବଡ଼ଜେନା, ବିଜୟ ବେହେରା, ମୋନାଲିସା ଦାସ, ହରିହର ପରିଡ଼ା, ରାଜୀବ ମହାନ୍ତି, ଜୟ ସିଂ, କୈଳାସ ସାହାଣୀଙ୍କ ସମେତ ବିଭିନ୍ନ ଦଳର ବହୁ ନେତା ସ୍ଥାନୀୟ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ତଥା ଯୁବବର୍ଗ ସ୍ୱର୍ଗତ ଲେଙ୍କାଙ୍କ ସ୍ମୃତିଚାରଣ କରିଥିଲେ।

### ● ବାରଙ୍ଗ ପ୍ରେସ୍‌କ୍ଲବ୍‌ର ବନ୍ଧୁମିଳନ ଉତ୍ସବ

## ସାମ୍ବାଦିକଙ୍କ ସୁରକ୍ଷା ଓ କଲ୍ୟାଣ ଦାବି



ତ୍ରିଶୂଳିଆ, ୨୫।୨(ସମିସ): ବାରଙ୍ଗ ଅଞ୍ଚଳର ସର୍ବପୁରାତନ ବାରଙ୍ଗ ପ୍ରେସ କ୍ଲବର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ମା' ସାରଙ୍ଗେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଲିଙ୍ଗରାଜ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମସ୍ତ ସାମ୍ବାଦିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ସମ୍ମିଳନୀରେ ବିଶେଷ କରି ସୁରକ୍ଷା ବ୍ୟବସ୍ଥା, ସରକାରୀ ପେନସନ ଓ ବାସଗୃହ ସୁବିଧା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅନ୍ୟ ରାଜ୍ୟ ଭଳି ଓଡ଼ିଶା ସରକାର ମଧ୍ୟ ସାମ୍ବାଦିକଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଆଇନ ଓ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ ବୋଲି ସଦସ୍ୟମାନେ ମତ ରଖିଥିଲେ। ଏଥିସହ ସମସ୍ତ ସାମ୍ବାଦିକ 'ପଲିଥିନମୁକ୍ତ ପରିବେଶ' ଗଠନ ନିମନ୍ତେ ଶପଥ ପାଠ କରିଥିଲେ। ସାମ୍ବାଦିକ ତ୍ରିଲୋଚନ ଦାସ, ପ୍ରକାଶଚନ୍ଦ୍ର ସାହୁ, କମଳାକାନ୍ତ ନାୟକ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଅଜୟ ରାଉତ, ସଚ୍ଚିଦାନନ୍ଦ ପଢ଼ିଆରୀ, ସନ୍ତୋଷ ମଲ୍ଲିକ, ତାପସ ଜେନା, ଗୌତମ ରାଉତ, ସଂଗ୍ରାମ କିଶୋର ଦାସ, ଲୋଚନ ମୁଦୁଲି, ସନ୍ତୋଷ ରାଉତ, ପ୍ରଦୀପ ସ୍ୱାଇଁ, ଶେଷଦେବ ବଡ଼ଜେନା, ଅନନ୍ତ ସ୍ୱାଇଁ, ସେକ୍ ଅବଦୁଲ ମୁନାବ, ଦେବରାଜ ସାହୁ, ଜିତେନ୍ଦ୍ର ସାମଲ, ସୁଶାନ୍ତ ପରିଡ଼ା, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୮ମ ଦିନରେ କଣ୍ଟାପଡ଼ା ଜନପ୍ରତିନିଧିଙ୍କ ଧାରଣା

## ଧାରଣାସ୍ଥଳରେ ପହଞ୍ଚିଲା ରାଜ୍ୟ ବିଜେଡି ଟିମ୍

କଣ୍ଟାପଡ଼ା, ୨୫।୨(ସମିସ)

ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିବା ଏବଂ ପଞ୍ଚାୟତସମିତିରେ ପାରିତ ପ୍ରସ୍ତାବଗୁଡ଼ିକୁ ବ୍ଲକ ପ୍ରଶାସନ କାର୍ଯ୍ୟକାରୀ ନ କରିବା ପ୍ରତିବାଦରେ ନିର୍ବାଚିତ ଜନପ୍ରତିନିଧିମାନଙ୍କ ଆନ୍ଦୋଳନ ଏବେ ତୀବ୍ର ହେବାରେ ଲାଗିଛି। ଆଜି ଏହି ଶାନ୍ତିପୂର୍ଣ୍ଣ ଦିବାରାତ୍ର ଧାରଣା ୮ମ ଦିନରେ ପହଞ୍ଚିଛି। ପୂର୍ବରୁ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଏବଂ ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ ଓ ପ୍ରମୋଦ ମଲ୍ଲିକ ଧାରଣାସ୍ଥଳକୁ ଯାଇ ସମର୍ଥନ ଜଣାଇଥିବା ବେଳେ ଆଜି ରାଜ୍ୟ ବିଜେଡିର ଏକ ଟିମ୍ ସେଠାରେ ପହଞ୍ଚି ପ୍ରଶାସନିକ ଅବହେଳାକୁ କଡ଼ା ସମାଲୋଚନା କରିଛନ୍ତି। ବିଜେଡି ମୁଖପାତ୍ର ଲେଲିନ୍ ମହାନ୍ତି, ପ୍ରବକ୍ତା ଗୀତାଞ୍ଜଳି ପ୍ରଧାନ ଓ ନାରାୟଣ ଜେନା




ଧାରଣାସ୍ଥଳରେ ପହଞ୍ଚି ଜନ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ମହାନ୍ତି କହିଛନ୍ତି ଯେ କଣ୍ଟାପଡ଼ା ବ୍ଲକରେ ବିଜେପି ସମର୍ଥନରେ ପଞ୍ଚାୟତସମିତି ଗଠନ ହୋଇଥିବା ବେଳେ ଏବଂ ଖୋଦ ଅଧ୍ୟକ୍ଷା ଜୀନା ଭୋଇ ଓ ଉପାଧ୍ୟକ୍ଷ ଯତିନ୍ଦ୍ର ନାଥ ବରାଳ ବିଜେପିର ହୋଇଥିବା ସତ୍ତ୍ୱେ, ବ୍ଲକ ପ୍ରଶାସନ ସେମାନଙ୍କୁ ଉପେକ୍ଷା କରିବା ରାଜ୍ୟରେ ଏକ ବିରଳ ଘଟଣା। ସରକାରୀ ଦଳର ସମର୍ଥନ ଥାଇ ମଧ୍ୟ ଯଦି ନିର୍ବାଚିତ ପ୍ରତିନିଧିମାନେ ୮ ଦିନ ଧରି ଧାରଣାରେ ବସୁଛନ୍ତି, ତେବେ ରାଜ୍ୟରେ ଶାସନ ବ୍ୟବସ୍ଥା କିଭଳି ଚାଲିଛି ତାହା ସ୍ପଷ୍ଟ ଜଣାପଡୁଛି ବୋଲି ସେ ମତ ଦେଇଛନ୍ତି। ଦଳମତ ନିର୍ବିଶେଷରେ ବିକାଶ ପାଇଁ ଏକଜୁଟ ହୋଇଥିବାରୁ ସେ ଜନପ୍ରତିନିଧିମାନଙ୍କୁ ପ୍ରଶଂସା କରିଥିଲେ। ଏହି ଆନ୍ଦୋଳନରେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ପିୟୁଷ ମିଶ୍ର, କ୍ରିଷ୍ଣାରାଣୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ ଓ ପବିତ୍ର ମୋହନ କାନୁନଗୋ ପ୍ରମୁଖ ସାମିଲ ଅଛନ୍ତି।

### ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷାଙ୍କୁ ପ୍ରଶାସନର ଅଣଦେଖା ଅଭିଯୋଗ

ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଉପସ୍ଥିତି ପ୍ରଶାସନ ଉପରେ ଚାପ ବୃଦ୍ଧି କରିଛି। ଯଦି ତୁରନ୍ତ ଉନ୍ନୟନ କାର୍ଯ୍ୟ ଆରମ୍ଭ କରା ନଯାଏ ଏବଂ ପ୍ରତିନିଧିମାନଙ୍କୁ ଉପଯୁକ୍ତ ସମ୍ମାନ ନ ମିଳେ, ତେବେ ଏହି ଆନ୍ଦୋଳନ ଆଗାମୀ ଦିନରେ ଅଧିକ ଉଗ୍ର ରୂପ ଧାରଣ କରିବ ବୋଲି ଚେତାବନୀ ଦିଆଯାଇଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୮୪ • ପାଉଣ୍ଡ ୧୨୩.୨୫
- ୟୁରୋ ୧୦୭.୩୪ • ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୮,୪୦୦ (ଭୁବନେଶ୍ୱର)
- ରୁପା : ୨,୯୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୨୭୬.୦୦
- ନିଫ୍ଟି ୨୫,୪୮୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ଭାରତକୁ ପୁଣି ଝଟ୍‌କା ଦେଲା ଆମେରିକା**

# ସଙ୍କଟରେ ବାଣିଜ୍ୟ ଚୁକ୍ତି

ୱାସିଂଟନ, ୨୫।୨ (ଏଜେନ୍ସି)



ଆମେରିକା ପୁଣି ଭାରତକୁ ବଡ଼ ଝଟ୍‌କା ଦେଇଛି। ଭାରତରୁ ଯାଉଥିବା ସୌର ପ୍ୟାନେଲ ଏବଂ ସେଲ୍ ଉପରେ ଆମେରିକା ୧୨୬ ପ୍ରତିଶତ ଶୁଳ୍କ ଲଗାଇ ଦେଇଛି। ଏହାକୁ

- ସୌର ପ୍ୟାନେଲ ଉପରେ ଲଗାଇଲା ୧୨୬% ଶୁଳ୍କ
- ଭାରତ ମାଧ୍ୟମରେ ଚୀନ୍ ପଠାଉଛି ଶସ୍ତା ଉତ୍ପାଦ
- ଲାଓସ ଓ ଇଣ୍ଡୋନେସିଆ ଉପରେ ବି ଲାଗିଲା ଶୁଳ୍କ

ନେଇ ଭାରତ-ଆମେରିକା ମଧ୍ୟରେ ହେବାକୁ ଥିବା ସମ୍ଭାବ୍ୟ ବାଣିଜ୍ୟ ଚୁକ୍ତି ସଙ୍କଟରେ ରହିଛି। ଆମେରିକା ବାଣିଜ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ଭାରତ ନିଜ ଉତ୍ପାଦକଙ୍କୁ ଅନୁଚିତ ଭାବେ ରିଆତି ଦେଉଛି। ଏହା ଦ୍ୱାରା ଆମେରିକାର ଘରୋଇ କମ୍ପାନୀଙ୍କ କ୍ଷତି ହେଉଛି। ଭାରତ ବ୍ୟତୀତ ଲାଓସ ଏବଂ ଇଣ୍ଡୋନେସିଆ ଉପରେ ୮୧ରୁ ୧୪୩ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଯାଇଛି। ପ୍ରାରମ୍ଭିକ ଯାଞ୍ଚ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଯାଞ୍ଚ ଉପରେ ଜୁଲାଇ ୬ରେ ଅନ୍ତିମ ନିଷ୍ପତ୍ତି ନିଆଯିବ। ଅର୍ଥାତ୍ ରିଆତି ଦେଉଥିବା ସତ୍ୟ ସାବ୍ୟସ୍ତ ହେଲେ ସ୍ଥାୟୀ ଭାବେ ଶୁଳ୍କ ଲଗାଇ ଦିଆଯିବ। ଏହି ନିଷ୍ପତ୍ତି ଦ୍ୱାରା ଭାରତୀୟ ସୌର ପ୍ୟାନେଲ ରପ୍ତାନୀକାରୀଙ୍କ ପାଇଁ ଆମେରିକା ବଜାରରେ ତିଷ୍ଠିବା କାଠିକର ହୋଇଯିବ। ୧୨୬ ପ୍ରତିଶତ ଶୁଳ୍କ ଦ୍ୱାରା ଆମେରିକାରେ ଏହି ସୌର ପ୍ୟାନେଲର ମୂଲ୍ୟ ଦୁଇ ଗୁଣରୁ ଅଧିକ ବୃଦ୍ଧି ପାଇବ। ଏଭଳି ସ୍ଥିତିରେ ଆମେରିକା ଗ୍ରାହକ ସ୍ଥାନୀୟ କମ୍ପାନୀ କିମ୍ବା ଅନ୍ୟ ଦେଶର ପ୍ୟାନେଲ କିଣିବାକୁ ଉଚିତ ମଣିବେ। କାରଣ ଭାରତୀୟ ଉତ୍ପାଦ ପ୍ରତିଯୋଗିତାରୁ ବାହାର ହୋଇଯିବ। ପୂର୍ବରୁ ଭାରତୀୟ, ଇଣ୍ଡୋନେସିଆ ଏବଂ ଲାଓସ ପ୍ୟାନେଲ ଉପରେ ଆମେରିକା ୧୦ ପ୍ରତିଶତ ଶୁଳ୍କ ଲଗାଇ ଥିଲା। ଏବେ ଏହାକୁ ଯଥାକ୍ରମେ ୧୨୬%, ୧୪୩% ଏବଂ ୮୧% ଲଗାଯାଇଛି।

କିଛି ଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିବା ଗ୍ଲୋବାଲ ଟାରିଫ ତଥା ଶୁଳ୍କଠାରୁ ଏହା ଅଲଗା। ଏବେ ଟ୍ରମ୍ପଙ୍କ ନୂଆ ନିଷ୍ପତ୍ତି ଉଦ୍ୟୋଗ ପାଇଁ ଚିନ୍ତା ବଢ଼ାଇ ଦେଇଛି। ସୂଚନା ଅନୁଯାୟୀ, ୨୦୨୫ର ପ୍ରଥମ ଛଅ ମାସରେ ଆମେରିକାକୁ ହୋଇଥିବା ମୋଟ ସୋଲାର ମଡ୍ୟୁଲ ରପ୍ତାନୀରେ ଭାରତ, ଇଣ୍ଡୋନେସିଆ ଏବଂ ଲାଓସର ୫୭ ପ୍ରତିଶତ ଅଂଶ ଥିଲା। ୨୦୨୪ରେ ଭାରତୀୟ ଉତ୍ପାଦକ ଆମେରିକାକୁ ପ୍ରାୟ ୭,୨୦୦ କୋଟି ଟଙ୍କାର ସୌର ଉପକରଣ ପଠାଇ ଥିଲେ। ଆମେରିକା ସୌର ଉଦ୍ୟୋଗ ପକ୍ଷରୁ ଅଭିଯୋଗ ଲଗାଯାଇଛି ଯେ ଶୁଳ୍କରୁ ବର୍ତ୍ତିବା ଲାଗି ଭାରତ, ଇଣ୍ଡୋନେସିଆ ଏବଂ ଲାଓସ ଦେଇ ଚୀନ୍ ନିଜ ସାମଗ୍ରୀ ପଠାଉଛି। ପୂର୍ବରୁ ଚୀନ୍ ଏଥିପାଇଁ ଭିଏତନାମ, ମାଲେସିଆ ଏବଂ ଥାଇଲାଣ୍ଡକୁ ବ୍ୟବହାର କରୁଥିଲା।

**ମନି ଲଣ୍ଡରିଂ ମାମଲାରେ ଇଡି କାର୍ଯ୍ୟାନୁଷ୍ଠାନ**

# ଅନିଲ ଅମ୍ବାନୀଙ୍କ ୩,୭୧୬ କୋଟିର ବଙ୍ଗଳା ଜବତ




**ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି):** ବ୍ୟବସାୟୀ ଅନିଲ ଅମ୍ବାନୀଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ମନି ଲଣ୍ଡରିଂ ମାମଲାରେ ୬୬ ବର୍ଷୀୟ ଅନିଲଙ୍କ ମୁମ୍ବଇର ପାଲି ହିଲ୍ ସ୍ଥିତ ବଙ୍ଗଳା 'ଆବୋଡ଼ା'କୁ ବୁଧବାର ଇଡି ଜବତ କରିଛି। ଏହି ବଙ୍ଗଳାର ମୂଲ୍ୟ ପ୍ରାୟ ୩,୭୧୬ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଅନିଲଙ୍କ ରିଲାଏନ୍ସ କମ୍ୟୁନିକେସନ ସହ ଜଡ଼ିତ ୪୦ ହଜାର କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ଏହି ଘର ଜବତ କରିବା ନେଇ ଇଡି ପକ୍ଷରୁ ଅନ୍ତରୀଣ ନିର୍ଦ୍ଦେଶ ଜାରି କରାଯାଇଛି। ଏହା ସହିତ ଗୁରୁବାର ଜେରା ପାଇଁ ହାଜର ହେବାକୁ ଅନିଲଙ୍କୁ ସମନ ଜାରି କରାଯାଇଛି। ସେ ଏହି ମାମଲାରେ ଦ୍ୱିତୀୟ ଥର ପାଇଁ ଜେରାର ସମ୍ମୁଖୀନ ହେବାକୁ ଯାଉଛି। ଏହା ପୂର୍ବରୁ ୨୦୨୫ ଅଗଷ୍ଟରେ ଅନିଲ ଇଡି ନିକଟରେ ହାଜର ହୋଇଥିଲେ। ସୂଚନା ଅନୁଯାୟୀ, ୬୬ ମିଟର ଉଚ୍ଚତା ବିଶିଷ୍ଟ ଅନିଲଙ୍କ ଏହି ଘର ୧୭ ମହଲା ବିଶିଷ୍ଟ। ଏହା ଦେଶର ସବୁଠାରୁ ମହଙ୍ଗା ଘର ମଧ୍ୟରୁ ଅନ୍ୟତମ। ଏହି ଘରେ ସମସ୍ତ ଅତ୍ୟାଧୁନିକ ସୁବିଧାସୁଯୋଗ ରହିଛି। ଏହା ପୂର୍ବରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ସଂଘୀୟ ଯାଞ୍ଚ ଏଜେନ୍ସି ଅନିଲ ଧିରୁଭାଇ ଅମ୍ବାନୀ ଗ୍ରୁପ ସହ ଜଡ଼ିତ ବ୍ୟାଙ୍କ ଠକେଇ ଏବଂ ଆର୍ଥିକ ଅନିୟମିତତା ମାମଲାର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ଏ ପର୍ଯ୍ୟନ୍ତ ଇଡି ମାମଲାର ତଦନ୍ତ କରି ୧୨ ହଜାର କୋଟିର ସମ୍ପତ୍ତି ଜବତ କଲାଣି। ଅନିଲ ଏବଂ ଆରକମ୍ ବିରୋଧରେ ତିନୋଟି ଇସିଆଇଆର ତଥା ଏନଫୋର୍ସମେଣ୍ଟ କେସ୍ ଇନଫରମେସନ ରିପୋର୍ଟ ମଧ୍ୟ ଦାଖଲ କଲାଣି। ମନି ଲଣ୍ଡରିଂ ମାମଲାରେ ଅନିଲଙ୍କ ପତ୍ନୀ ଟିନା ଅମ୍ବାନୀଙ୍କୁ ମଧ୍ୟ ଇଡି ସମନ ଜାରି କରିଥିଲା। ମାତ୍ର ସେ ଜେରା ପାଇଁ ହାଜର ହୋଇ ନ ଥିଲେ। ସୂଚନା ଅନୁଯାୟୀ, ନ୍ୟୁୟର୍କରେ ଏକ ବିଳାଶପୂର୍ଣ୍ଣ ଘର କ୍ରୟକୁ ନେଇ ଟିନାକୁ ଏହି ସମନ ଜାରି କରାଯାଇଥିଲା। ଏହି ମାମଲାରେ ଆରକମ୍‌ର ପୂର୍ବତନ କାର୍ଯ୍ୟନିର୍ବାହୀ ପୁନୀତ ଗର୍ଗଙ୍କୁ ଗିରଫ କରାଯାଇଥିଲା। ୨୦୨୩ରେ ସେ ଜାଲିଆତି କରି ଏହି ସମ୍ପତ୍ତି ବିକ୍ରି କରିଥିବା କୁହାଯାଇଥିଲା। ଆରକମ୍‌ର କର୍ପୋରେଟ ଇନ୍‌ସଲଭେନ୍ସି ରିସୋଲ୍ୟୁସନ ସମୟରେ ଏପରି ହୋଇଥିଲା। ମାତ୍ର ୨୦୨୫ରେ କମ୍ପାନୀ ଷ୍ଟକ୍ ଏକ୍ସଚେଞ୍ଜକୁ ଏହି ସୂଚନା ଦେଇଥିଲା।

**ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାକୁ ସଫଳତା**

# ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଶକ୍ତି ୟୁନିଟ୍ ପ୍ରତିଷ୍ଠା




**ଭୁବନେଶ୍ୱର, ୨୫।୨ (ଏଜେନ୍ସି):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଶକ୍ତି ପରିଚାଳନା ଦଳ ନିୟୋଜନ କରିଛି। ଏମାନେ ବିଶ୍ୱର ବୃହତ ଆଲୁମିନିୟମ ପ୍ଲାଣ୍ଟ ଝାରସୁଗୁଡ଼ାରେ ୧୩୫ ମେଗାୱାଟ ବିଦ୍ୟୁତ ୟୁନିଟ ପରିଚାଳନା ଦାୟିତ୍ୱରେ ରହିବେ। ଚଳିତ ବର୍ଷର ମହିଳା ଦିବସ ପୂର୍ବରୁ ଏହା ଭାରତର ଖଣି ଏବଂ ଧାତୁ ଶିଳ୍ପ ମଧ୍ୟରେ ଅଧିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବ। ଝାରସୁଗୁଡ଼ାରେ ଥିବା ବେଦାନ୍ତ ଆଲୁମିନିୟମର ମେଗା ପ୍ଲାଣ୍ଟର ବିଦ୍ୟୁତ ଉତ୍ପାଦନ କ୍ଷମତା ୩୬୧୫ ଏମଡବଲ୍ୟୁ ରହିଛି। ଏଥିରୁ ୬୦୦ ମେଗାୱାଟ ପ୍ରତ୍ୟେକ ୪ ୟୁନିଟ ଓ ୧୩୫ ମେଗାୱାଟ ପ୍ରତ୍ୟେକ ୯ ୟୁନିଟ ରହିଛି। ଏବେ ମହିଳା ୧୩୫ ମେଗାୱାଟ ତାପଜ ବିଦ୍ୟୁତ କେନ୍ଦ୍ରର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବାକୁ ପ୍ରସ୍ତୁତ। ଏନଜିଏସଏଲ ସହଭାଗିତାରେ ନିଆଯାଇଥିବା ଏକ ପଦକ୍ଷେପରେ ଯୋଗ୍ୟ ମହିଳା ଇଂଜିନିୟର, ଟର୍ବାଇନ ଅପରେଟର, ମିଲ ଅପରେଟର ଓ ଅନ୍ୟାନ୍ୟଙ୍କୁ ନେଇ ବିଭିନ୍ନ କାର୍ଯ୍ୟ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି।

ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ମହିଳାମାନେ କେବଳ ଭାରୀ ଶିଳ୍ପରେ ଅଂଶଗ୍ରହଣ କରୁନାହାଁନ୍ତି, ବରଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ନେତୃତ୍ୱ ମଧ୍ୟ ନେଉଛନ୍ତି। ଏହା ମହିଳାଙ୍କ କ୍ଷମତା ଓ ନେତୃତ୍ୱକୁ ପରିଭାଷିତ କରିଛି। ଝାରସୁଗୁଡାରେ ଏଥିରେ ଭାରତର ପ୍ରଥମ ସମ୍ପୂର୍ଣ୍ଣ ମହିଳା ପଟଲାଇନ୍ ଦଳ, କମ୍ପାନୀର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ କ୍ରୁ ଏବଂ ଅଗ୍ନିବାହିନୀ ସାମିଲ ରହିଛି। ପ୍ରଥମ କମ୍ପାନୀ ଭାବେ ମହିଳାଙ୍କୁ ରାତ୍ରୀକାଳୀନ କାର୍ଯ୍ୟରେ ବେଦାନ୍ତ ନିୟୋଜିତ କରିଛି।

**କୃଷିମନ୍ତ୍ରୀଙ୍କ ଚେତାବନୀ**

# ଚାଷୀଙ୍କ ଟଙ୍କା ଅଟକାଇଲେ ଲାଗିବ ୧୨% ସୁଧ

**ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି):** କୃଷି କ୍ଷେତ୍ରକୁ ଆଧୁନିକ କରିବା ପାଇଁ କଠୋର ଏବଂ ସ୍ୱଚ୍ଛ ସଂସ୍କାର ଆବଶ୍ୟକ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି। ନୂଆଦିଲ୍ଲୀ ସ୍ଥିତ ଭାରତୀୟ କୃଷି ବିଜ୍ଞାନ ପ୍ରତିଷ୍ଠାନ (ଆଇଏଆରଆଇ)ରେ ତିନି ଦିନିଆ କୃଷି ବିଜ୍ଞାନ ମେଳା ଉଦ୍‌ଘାଟନ କରି ଚାଷୀଙ୍କ ଆର୍ଥିକ ସ୍ୱାର୍ଥ ସହ ଜଡ଼ିତ ମାମଲାରେ କୌଣସି ବିଳମ୍ବକୁ ସ୍ୱୀକାର କରାଯିବ ନାହିଁ ବୋଲି ଶିବରାଜ ଉଲ୍ଲେଖ କରିଛନ୍ତି। ଚାଷୀଙ୍କ ବକେୟା ରାଶିକୁ ନେଇ ସେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଯେଉଁ ଏଜେନ୍ସି କିମ୍ବା ରାଜ୍ୟ ସରକାର ଚାଷୀଙ୍କ ଟଙ୍କା ଅଟକାଇବେ ତାଙ୍କୁ ୧୨ ପ୍ରତିଶତ ସୁଧ ସହ ଫେରାଇବାକୁ ପଡ଼ିବ ବୋଲି କୃଷିମନ୍ତ୍ରୀ ଚେତାବନୀ ଦେଇଛନ୍ତି। କୃଷିମନ୍ତ୍ରୀ କହିଛନ୍ତି ଯେ ସରକାର ଆର୍ଥିକ ବିଳମ୍ବକୁ ଦୂର କରିବାକୁ ନିଜର ଅଂଶ ସିଧାସଳଖ ଚାଷୀଙ୍କ ଖାତାକୁ ପଠାଇବା ବିକଳ୍ପ ଉପରେ କାମ କରୁଛନ୍ତି । ଏହା ବ୍ୟତୀତ ବାର୍ଷିକ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ସାର ସବସିଡି ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ ପଠାଇବା ଉପରେ ବିଚାର କରାଯାଉଛି। ଫସଲର ଉପଯୁକ୍ତ ମୂଲ୍ୟ ତୁରନ୍ତ ପ୍ରଦାନ ପାଇଁ ଏମଏସପିରେ କ୍ରୟ ପ୍ରକ୍ରିୟା ତିନି ମାସ ପରିବର୍ତ୍ତେ ସର୍ବାଧିକ ଏକ ମାସ ମଧ୍ୟରେ ଶେଷ ହେବା ଉଚିତ୍। ୭୫ ପ୍ରତିଶତ କ୍ଷୁଦ୍ର ଚାଷୀଙ୍କୁ ମିଳୁଥିବା ୪ ପ୍ରତିଶତ ସୁଧ ହାରରେ କିଷାନ କ୍ରେଡିଟ କାର୍ଡ (କେସିସି) ଋଣକୁ ବିନା ବିଳମ୍ବରେ ସୁନିଶ୍ଚିତ କରିବା ପାଇଁ ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନଗୁଡ଼ିକର ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯିବ ବୋଲି ଶିବରାଜ କହିଛନ୍ତି।

# ବ୍ରିଟେନ ନେଇଥିଲା ୩୦ ହଜାର ଋଣ: ଶହେ ବର୍ଷ ପରେ ମାଗିଲେ ପରିବାର




**ଭୋପାଳ, ୨୬।୨ (ଏଜେନ୍ସି):** ଆମ ଦେଶରେ ସୂର୍ଯ୍ୟ ଅସ୍ତ ହୁଏ ନାହିଁ ବୋଲି ଦିନେ ଦାବି କରିଥିବା ବ୍ରିଟେନ ଋଣ ଟଙ୍କା ପରିଶୋଧ କରିବାକୁ ଭୁଲି ଯାଇଛି। ସେତେବେଳର ଶକ୍ତିଶାଳୀ ବ୍ରିଟିଶ ସାମ୍ରାଜ୍ୟର ମଧ୍ୟ ଅର୍ଥାଭାବ ଦେଖା ଦେଇଥିଲା। ସେଥିପାଇଁ ସରକାରଙ୍କୁ ମଧ୍ୟପ୍ରଦେଶ ସିହୋର ସ୍ଥିତ ଜଣେ ସ୍ଥାନୀୟ ପ୍ରତିଷ୍ଠିତ ବ୍ୟବସାୟୀଙ୍କଠାରୁ ଋଣ ନେବାକୁ ପଡ଼ିଥିଲା। ଏକ ପୁରୁଣା ଦଲିଲରୁ ଏହା ଜଣାପଡ଼ିଛି। ପ୍ରାୟ ୧୦୯ ବର୍ଷ ତଳେ ବିଶ୍ୱରେ ଯୁଦ୍ଧ ବିଭୀଷିକା ଜାରି ରହିଥିବାବେଳେ ବ୍ରିଟିଶ ସରକାର ସେଠ ଜୁମାଲାଲ ରୁଥିଆଙ୍କଠାରୁ ୩୫ ହଜାର ଟଙ୍କା ଋଣ ନେଇଥିଲେ। ମାତ୍ର ଭାରତ ଛାଡ଼ି ଗଲା ପରେ ବି ବ୍ରିଟିଶ ସରକାର ଏହା ଫେରାଇ ନ ଥିଲେ। ଏବେ ଏହି ସେଠଙ୍କ ପରିବାର ବ୍ରିଟେନ ସରକାରଙ୍କ ନିକଟରେ ଏହି ଅର୍ଥ ଫେରାଇବାକୁ ଦାବି କରିଛନ୍ତି। ଏକ ଶତାବ୍ଦୀରୁ ଅଧିକ ସମୟ ପରେ ସେଠ୍ ଜୁମ୍ମାଲାଲଙ୍କ ନାତି ବିବେକ ରୁଥିଆ କହୁଛନ୍ତି ଯେ ସେ ବ୍ରିଟିଶ ସରକାରଙ୍କୁ ଏକ ଆଇନଗତ ନୋଟିସ୍ ପଠାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏହାକୁ ସେ ଏକ 'ଐତିହାସିକ ଏବଂ ପରିଶୋଧ ହୋଇ ନ ଥିବା ସାର୍ବଭୌମ ଋଣ' ବୋଲି କହୁଛନ୍ତି। ରୁଥିଆ ଦାବି କରିଛନ୍ତି ଯେ ନିକଟରେ ତାଙ୍କ ପରିବାର ପୁରୁଣା ନଥିପତ୍ର ଏବଂ ତାଙ୍କ ପିତାଙ୍କ ମୃତ୍ୟୁ ପରେ ମିଳିଥିବା ଏକ ଉଇଲ୍‌ରୁ ଚିଠିପତ୍ର ସମେତ କିଛି ଦସ୍ତାବିଜରୁ ଏହାର ପ୍ରମାଣ ପାଇଛନ୍ତି। ବ୍ରିଟିଶ ଶାସନ କାଳରେ ଭୋପାଳ ଦେଶୀୟ ରାଜ୍ୟର ପ୍ରଶାସନିକ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ଏହି ଋଣ ନିଆଯାଇଥିଲା। ଏହାର ନାମ ଯୁଦ୍ଧ ଋଣ ରଖାଯାଇଥିଲା।

# ନାଲକୋ ପକ୍ଷରୁ ଆଇଏ୯୧ ଗ୍ରେଡ୍ ଆଲୁମିନିୟମ ଆଲୟ ଇଙ୍ଗଟର ବଜାର ପ୍ରବେଶ




**ଭୁବନେଶ୍ୱର, ୨୫।୨ (ଏଜେନ୍ସି):** ଭାରତ ସରକାରଙ୍କ ନବରତ୍ନ କମ୍ପାନୀ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ) ଏକ ସ୍ୱତନ୍ତ୍ର ଆଲୁମିନିୟମ ଆଲୟ ଇଙ୍ଗଟ ଆଇଏ୯୧ର ବଜାରପ୍ରବେଶ କରାଇଛି । ଆଇଏ୯୧ ହେଉଛି ଏକ ଉଚ୍ଚ-କାର୍ଯ୍ୟଦକ୍ଷତା ତଥା ସିଲିକନ୍-ଆଧାରିତ କାଷ୍ଟିଂ ଆଲୟ। କାଷ୍ଟେବିଲିଟିର ସର୍ବୋତ୍ତମ ସନ୍ତୁଳନ, ଯାନ୍ତ୍ରିକ କ୍ଷମତା ଏବଂ କ୍ଷୟ ପ୍ରତିରୋଧି ଭଳି ବୈଶିଷ୍ଟ୍ୟ ସହ ଏହାକୁ ତିଆରି କରାଯାଇଛି। କମ୍ପାନୀର କୋଲକାତା ଷ୍ଟକୟାର୍ଡରେ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ନିର୍ଦ୍ଦେଶକ (ବାଣିଜ୍ୟିକ) ଅନିଲ କୁମାର ସିଂହ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଏହି ଉତ୍ପାଦର ଶୁଭାରମ୍ଭ କରିଥିଲେ । ଏହି ଇଙ୍ଗଟ ଉନ୍ନତ କାଷ୍ଟିଂ ପ୍ରୟୋଗ ପାଇଁ ଡିଜାଇନ୍ ହୋଇଥିବା ବେଳେ ଗ୍ରାଭିଟି ଡାଏ କାଷ୍ଟିଂ ତଥା ନିମ୍ନ-ଚାପ ଡାଏ କାଷ୍ଟିଂ ପାଇଁ ଉପଯୁକ୍ତ । ଏହା ମୁଖ୍ୟତଃ ଅଟୋମୋଟିଭ୍, ବୈଦ୍ୟୁତିକ ଏବଂ ଶକ୍ତି ଉପକରଣ, ଶିଳ୍ପ କ୍ଷେତ୍ର ତଥା ଫାଉଣ୍ଡ୍ରିରେ ବ୍ୟବହୃତ ହୋଇଥାଏ । ଉତ୍ପାଦନ ଏବଂ ବିପଣନ ବିଭାଗକୁ ଅଭିନନ୍ଦନ ଜଣାଇ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ କମ୍ପାନୀର ପରିବର୍ଦ୍ଧିତ ଉତ୍ପାଦ ପୋର୍ଟଫୋଲିଓ ଏହାର ଉଚ୍ଚମାନ ତଥା ମୂଲ୍ୟଯୁକ୍ତ ଉତ୍ପାଦ ଯୋଗାଣ ନିମନ୍ତେ ନାଲକୋର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ଜେଇଇ ମେନ୍‌ରେ ଶ୍ଳୋକ ନନ୍ଦନ ଓଡ଼ିଶା ଟପ୍ପର୍



**ସମ୍ବଲପୁର, ୨୫।୨ (ସମିସ):** ସମ୍ବଲପୁରର ଶ୍ଳୋକ ନନ୍ଦନ ନାଏକ ୨୦୨୬ରେ ଜେଇଇ ମେନ୍ (ବି.ପ୍ଲାନିଂ) ରେ ୯୯.୨୬ ପରସେଣ୍ଟାଇଲ୍ ରଖି ଓଡ଼ିଶା ରାଜ୍ୟ ଟପ୍ପର୍ ହୋଇଛନ୍ତି। ଓଡ଼ିଶା ପାଇଁ ଏହା ଏକ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ। ଏହା ଏନ୍‌ଟିଏ (ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି) ଦ୍ୱାରା ଗତକାଲି ପ୍ରକାଶିତ ତାଲିକାରେ ପ୍ରକାଶ ପାଇଛି। ଶ୍ଳୋକଙ୍କ ଉଲ୍ଲେଖନୀୟ ସଫଳତା କେବଳ ରାଜ୍ୟ ପାଇଁ ନୁହେଁ ବରଂ ତାଙ୍କ ଅନୁଷ୍ଠାନ, ବିଦ୍ୟା ବିକାଶ ଶାସନ ସମ୍ବଲପୁର କ୍ୟାମ୍ପସ ପାଇଁ ମଧ୍ୟ ଗୌରବ ଆଣିଛି, ଯେଉଁଠାରେ ସେ ପ୍ରବେଶିକା ଏବଂ ବୋର୍ଡ ପରୀକ୍ଷା ପାଇଁ ସମନ୍ୱିତ ବ୍ୟାଚ୍‌ରେ ଆଇଆଇଟି-ଜେଇଇ ପ୍ରସ୍ତୁତି କରୁଛନ୍ତି। ତାଙ୍କର ସଫଳତା ତାଙ୍କର କଠିନ ପରିଶ୍ରମ, ଶୃଙ୍ଖଳିତ ପ୍ରସ୍ତୁତି ଏବଂ ପ୍ରତିଷ୍ଠାନର ଉତ୍ସର୍ଗୀକୃତ ଅଧ୍ୟାପକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରଣନୈତିକ ଶୈକ୍ଷିକ ମାର୍ଗଦର୍ଶନର ପ୍ରମାଣ ସ୍ୱରୂପ ରହିଛି। ବିଦ୍ୟା ବିକାଶ କ୍ୟାମ୍ପସ ଦ୍ୱାରା ଗ୍ରହଣ କରାଯାଇଥିବା ସମନ୍ୱିତ କୋଚିଂ ମଡେଲ୍, ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ସହିତ ବୋର୍ଡ ପାଠ୍ୟକ୍ରମକୁ ମିଶ୍ରଣ କରି ପୁଣିଥରେ ଜାତୀୟସ୍ତରରେ ଏହାର ପ୍ରଭାବଶାଳୀତା ପ୍ରଦର୍ଶନ କରିଛି। ବିଦ୍ୟା ବିକାଶ ଅନୁଷ୍ଠାନ ଶ୍ରୀମାନ ଶ୍ଳୋକ ନନ୍ଦନଙ୍କ ଅଭିଭାବକ ସୁସ୍ମିତା ନାୟକ ଓ ସୁବାସ ଚନ୍ଦ୍ର ନାୟକଙ୍କ ପ୍ରତି ତାଙ୍କର ଅବିରତ ସହଯୋଗ ଓ ଆସ୍ଥା ପାଇଁ ଗଭୀର କୃତଜ୍ଞତା ତଥା ଅନ୍ତରିକ ଧନ୍ୟବାଦ ଜଣାଉଛି। ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା ଏହି ସଫଳତା ପାଇଁ ଖୁସି ପ୍ରକାଶ କରି, ଶ୍ଳୋକଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ତାଙ୍କ ପ୍ରସ୍ତୁତି ଯାତ୍ରାରେ ତାଙ୍କୁ ମାର୍ଗଦର୍ଶନ କରିଥିବା ଶିକ୍ଷକ ଏବଂ ପରାମର୍ଶଦାତାଙ୍କ ସାମୂହିକ ପ୍ରୟାସକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଏପରି ସଫଳତା ଶିକ୍ଷାଗତ ଉତ୍କର୍ଷତା ପ୍ରତି ଅନୁଷ୍ଠାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# ଏମଆଇସିଏରେ ସି.ଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟକୁ ସଫଳତା



**ଭୁବନେଶ୍ୱର, ୨୫।୨ (ସମିସ):** ପୁନେ ସ୍ଥିତ ଏମଆଇଟି ୱାର୍ଲ୍ଡ ପିସ୍ ୟୁନିଭର୍ସିଟିରେ ଗତ ୧୯ରୁ ୨୧ ପର୍ଯ୍ୟନ୍ତ ଆୟୋଜିତ ମିଟସୁବିସି ଇଲେକ୍‌ଟ୍ରିକ କପ୍(ଏମଇସିଏ-୨୦୨୬)ରେ ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ (ସିଜିୟୁ) ଛାତ୍ରଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଜାପାନର ମିଟସୁବିସି ଦ୍ୱାରା ଆୟୋଜିତ ଏହି ଷଷ୍ଠ ସଂସ୍କରଣରେ ଦେଶର ୧୪୦ଟି ସଂସ୍ଥାନରୁ ୨୮୮ଟି ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ ହୋଇଥିଲା । ସେଥିରୁ କେବଳ ୩୫ଟି ଶ୍ରେଷ୍ଠ ଦଳକୁ ଜାତୀୟସ୍ତରରେ ଅନ୍ତିମ ପର୍ଯ୍ୟାୟ ପାଇଁ ଚୟନ କରାଯାଇଥିଲା । ସିଜିୟୁର 'ଡିୟୁସ ମାସିନା' ଟିମ ଦ୍ୱାରା ଆୟୋଜିତ ପ୍ରକଳ୍ପଟି ମିଟସୁବିସି ଧାରଣାର ଅନୁରୂପ ଥିଲା। କମ୍ପାନୀର ବିଶେଷଜ୍ଞ ଏବଂ ଭାରତୀୟ ବିଚାରକମଣ୍ଡଳୀ ଏହି ପ୍ରକଳ୍ପକୁ ଖୁବ ପ୍ରଶଂସା କରିଥିଲେ। ଦଳକୁ ଟ୍ରଫି ଏବଂ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ପ୍ରକଳ୍ପଟି ୯ଟି ପ୍ରମୁଖ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ ଥିଲା। ଏହି ଦଳରେ କିଶନ କାନ୍ତ ବାରିକ, ସୁଜିତ ପଟ୍ଟନାୟକ, ସ୍ୱସ୍ତିକ ପ୍ରସାଦ ବେହେରା ଓ ଶ୍ରଦ୍ଧା ରାମ ଅଂଶଗ୍ରହଣ କରିଥିଲେ। ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଶିକ୍ଷକ ଅଚିରଂଶୁ ପାତ୍ର ଦଳକୁ ମାର୍ଗଦର୍ଶନ କରିଥିଲେ। ଏହି ସଫଳତା ପାଇଁ ସିଜିୟୁର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସଂଜୀବ କୁମାର ରାଉତ, ଭାଇସ୍-ଚାନ୍ସେଲର ପ୍ରଫେସର ଡ.ବଂଶୀଧର ମାଝୀ ଏବଂ ପ୍ରୋ-ଭାଇସ୍ ଚାନ୍ସେଲର ପ୍ରଫେସର ଡ. ଗୁଡା ଶ୍ରୀଦେବୀ ଛାତ୍ର ଓ ପ୍ରଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ବିଶ୍ୱରେ ଜାରି ରହିଛି ଧନୀଙ୍କ ପଳାୟନ**

# ନିଜ ଦେଶ ଛାଡ଼ିଛନ୍ତି ଲକ୍ଷେ ୪୨ ହଜାର ଧନୀ

ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି)



ବିଶ୍ୱରେ ଧନୀଙ୍କ ପଳାୟନ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ବ୍ୟବସାୟ କରି ନିଜ ଦେଶରୁ କୋଟି କୋଟି ଟଙ୍କା ଆୟ କରିବା ପରେ ଧନୀ ଅନ୍ୟ ଦେଶକୁ ପଳାଉଛନ୍ତି। ଗତ ବର୍ଷ ପ୍ରାୟ ଲକ୍ଷେ ୪୨ ହଜାର ଧନୀ

- ଗତ ବର୍ଷ ଭାରତ ଛାଡ଼ିଛନ୍ତି ୩,୫୦୦ ଧନୀ
- ଶୂନ୍ୟ ଟିକସ ଥିବା ୟୁଏଇ ମୁହାଁ ଉଦ୍ୟୋଗପତି

ନିଜ ଦେଶ ଛାଡ଼ିଛନ୍ତି। ଏହି ତାଲିକାର ପ୍ରମୁଖ ତିନି ଦେଶ ମଧ୍ୟରେ ଭାରତ ସାମିଲ ରହିଛି। ମାତ୍ର ବ୍ରିଟେନ ପ୍ରଥମ ସ୍ଥାନରେ ରହିଛି। ଗତ ମୋଟ ୧୬, ୫୦୦ ଧନୀ ବ୍ରିଟେନ ଛାଡ଼ିଛନ୍ତି। ୨୦୨୪ରେ ଏହି ସଂଖ୍ୟା ୧୦, ୮୦୦ ଥିଲା। ଗତ ଏକ ଦଶନ୍ଧି ହେଲା ଏହି ଦେଶର ଅର୍ଥନୀତି ଭଲ ନାହିଁ। ଏପରି ସ୍ଥଳେ ସରକାର ଅର୍ଥନୀତିରେ ସୁଧାର ଆଣି ଧନୀଙ୍କ ଉପରେ ଟିକସ ବୋଝ ବଢ଼ାଇ ଚାଲିଛନ୍ତି। ଏଥିରୁ ମୁକ୍ତି ପାଇବା ପାଇଁ ଧନୀ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ), ମୋନାକୋ ଏବଂ ମାଲ୍‌ଟି ଭଳି ଦେଶକୁ ପଳାଉଛନ୍ତି।

ନ୍ୟୁ ୱାର୍ଲ୍ଡ ୱେଲଥ୍‌ର ରିପୋର୍ଟ ଅନୁଯାୟୀ, ବ୍ରିଟେନ ପରେ ଦ୍ୱିତୀୟ ସ୍ଥାନରେ ଚୀନ୍ ରହିଛି। ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତି ଚୀନ୍‌ର ୭,୮୦୦ ଧନୀ ଗତ ବର୍ଷ ନିଜ ଦେଶ ଛାଡ଼ି ଚାଲି ଯାଇଛନ୍ତି। ସେହିପରି ୨୦୨୫ରେ ଭାରତର ୩,୫୦୦ ଧନୀ ଅନ୍ୟ ଦେଶକୁ ପଳାଇ ଥିଲେ। ସେହିପରି ଦକ୍ଷିଣ କୋରିଆରୁ ୨୪୦୦, ରୁଷରୁ ୧୫୦୦, ବ୍ରାଜିଲରୁ ୧୨୦୦, ଫ୍ରାନ୍ସରୁ ୮୦୦, ସ୍ପେନରୁ ୫୦୦, ଜର୍ମାନୀରୁ ୪୦୦ ଏବଂ ଇସ୍ରାଏଲରୁ ୩୫୦ ଧନୀ ନିଜ ଦେଶ ଛାଡ଼ି ଥିଲେ। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ୟୁଏଇ ଅଧିକାଂଶ ଧନୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏହି ଦେଶରେ କୌଣସି ଟିକସ ନ ଥିବାରୁ ଧନୀଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି। ଗତ ବର୍ଷ ସର୍ବାଧିକ ୯,୮୦୦ ଧନୀ ୟୁଏଇ ଯାଇଥିଲେ। ଏହି ତାଲିକାରେ ଆମେରିକା ଦ୍ୱିତୀୟ ସ୍ଥାନରେ ରହିଛି। ଗତ ବର୍ଷ ୭୫୦୦ ଧନୀ ଆମେରିକା, ୩, ୬୦୦ ଇଟାଲୀ, ୩ ହଜାର ସ୍ୱିଜରଲାଣ୍ଡ, ୨୪୦୦ ସାଉଦି ଆରବ, ୧୬୦୦ ସିଙ୍ଗାପୁର, ୧୪୦୦ ପର୍ତ୍ତୁଗାଲ, ୧୨୦୦ ଗ୍ରୀସ, ହଜାରେ ଜଣ ଧନୀ କାନାଡ଼ା ଏବଂ ୧୦୦୦ ଧନୀ ଅଷ୍ଟ୍ରେଲିଆ ଯାଇଥିଲେ।

